# ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ଜିଲ୍ଲା-ବଲାଙ୍ଗିର

ବିଜ୍ଞାପନ ସଂଖ୍ୟା. 1109 ତା. 09.08.2019

## ଲଘୁଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ

## ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ-୨୦୧୧ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବଙ୍ଗୋମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନ ତଫସିଲ ଭୁକ୍ତ ସୈରାତ ଉତ୍ସ ଗୁଡିକର ଅନୁନ୍ୟ ୫ (ପାଞ୍ଚ) ବର୍ଷ ନିମନ୍ତେ 2019-20 ଠାରୁ 2023-24 ଆର୍ଥିକ ବର୍ଷ ପର୍ଯ୍ୟନ୍ତ) ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । ଇଚ୍ଛୁକ ବ୍ୟକ୍ତି, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ-୨୦୧୪ ରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ (Form-J) ପୁରଣ କରି ଏହାର ତିନିକିତା କପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଥିବା Drop Box ରେ ଆସନ୍ତା ତାରିଖ 28.08.2019 ଅପରାହ୍ନ ୫.୦୦ (ପାଞ୍ଚ) ଘଟିକା ସୁଦ୍ଧା ଜଉମୁଦ ଲଫାପା (Sealed Cover)ରେ ପକାଇବେ । ଉକ୍ତ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଦରଖାସ୍ତ ଗୁଡିକୁ ଉପସ୍ଥିତ ଲିଜ୍ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତାରିଖ 29.08.2019. ଦିବା 11.00 ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲାଯାଇ ତନଖି କରାଯିବ । ଯଦି କୌଣସି ସୈରାତ ଉତ୍ସ ପାଇଁ ଦରଖାସ୍ତ ଆଦୌ ମିଳିନଥିବ ତେବେ ଉକ୍ତ ସୈରାତ ଉତ୍ସର ଲିଜ୍ ଦରଖାସ୍ତକୁ ଗ୍ରହଣ କରିବାର ଶେଷ ତାରିଖ ଯଥା କ୍ରମେ 12.09.2019 ଓ 26.09.2019 ଅଟେ । ଦ୍ୱିତୀୟ ଓ ତୃତୀୟ ଦଫାରେ ମିଳିଥିବା ସମସ୍ତ ଦରଖାସ୍ତ କୁ ତାର ପରବର୍ତ୍ତି ସରକାରୀ କାର୍ଯ୍ୟଦିବସରେ ଦିବା 11.00 ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ଦରଖାସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲିଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସଂପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇଥିଲେ, ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗିର ଜିଲ୍ଲା **Website- http://balangir.nic.in** ରେ ଉପଲବ୍ଧ ଅଟେ ।

### ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/ କାଗଜାତ

୧. ଦରଖାସ୍ତ ଫି ସକାଶେ ଟ. ୧୦୦୦.୦୦ ଙ୍କା ଟ୍ରେଜେରି ଚାଲାନ । **(Head of Account - 0853-Non Ferrous Mining and Metallurgical Industries-102-Mineral Consession Fees, Rents and Royalties)**

୨. ଦରଖାସ୍ତ ନିମନ୍ତେ ସୈରାତ ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ନିୟମ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ସତ୍ୟପାଠ ।

୪. ସଲଭେନ୍ସି (Solvency) ପ୍ରମାଣ ପତ୍ର ତଥା ଅସ୍ଥାବର ସଂମ୍ପତ୍ତିର ବିବରଣୀ ।

୫. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୁହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ।

ତହସିଲଦାର
ବଙ୍ଗୋମୁଣ୍ଡା ତହସିଲ
ଜି: ବଲାଙ୍ଗିର

# ସର୍ତ୍ତାବଳୀ

୧. ଦରଖାସ୍ତକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ–୨୦୦୪ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ–୨୦୧୪ ର ପରିସର ଭୁକ୍ତ ରହିବେ ।

୨. ଲିଜ୍‌ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ, ଲିଜ୍ ପାଇଁ ଦରଖାସ୍ତ ପୂର୍ବରୁ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି, ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।

୩. ଲିଜ୍ ନେବା ପରେ ସଇରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲା ପରେ ସ୍ଥିର କରାଯିବ ।

୫. ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇ ଥିବା ଅମାନତ ରାଶି (EMD)କୁ ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର ୭ (ସାତ) ଦିନ ମଧ୍ୟରେ ବ୍ୟାଙ୍କ ଡ୍ରାଫ୍ଟ/ ନଗଦ ଆକାରରେ ଜମାଦେବେ ଏବଂ ଧାର୍ଯ୍ୟ ସମୟସିମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ କରିବେ ନଚେତ ଅମାନତ ରାଶି ବ୍ୟାଜ୍ୟପ୍ତ କରାଯିବ ।

୬. ମାଇନିଙ୍ଗ ପ୍ଲାନ ଟି Form-ZB ରେ ମାଇନିଙ୍ଗ ଅଧିକାରୀ, ବଲାଙ୍ଗିରଙ୍କ ନିକଟରୁ ଅନୁମୋଦିତ ହେବା ଆବଶ୍ୟକ ତଥା ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା ୧୫୩୩ ତା.୧୪.୦୯.୨୦୦୬ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପରିବେଶ ମଞ୍ଜୁରୀ ଅନୁମୋଦିତ ହୋଇଥିବା ବିଧେୟ ।

୭. ପରିବେଶ ସମ୍ବନ୍ଧୀୟ ଅନୁମତୀ ଲିଜ୍‌ଧାରୀ ନିଜ ଖର୍ଚ୍ଚରେ ହାସଲ କରିବେ ।

୮. ପ୍ରାଧୀକୃତ ଅଧିକାରୀ ମାଇନିଙ୍ଗ ପ୍ଲାନରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ତଥା ଲିଜ୍‌ଧାରୀଙ୍କ ଦ୍ୱାରା ଦରଖାସ୍ତରେ ଦର୍ଶାଯାଇଥିବା ରୟାଲିଟିର ମୂଲ୍ୟକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଲିଜ୍‌ଧାରୀଙ୍କୁ ଏକକାଳୀନ ପଇଠ କରିବାକୁ ପଡିବ । ସଂପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜ୍‌ଧାରୀ ୭ (ସାତ) ଦିନ ମଧ୍ୟରେ ଓଡିଶା ରେଜିଷ୍ଟ୍ରସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଆବଶ୍ୟକୀୟ ଚୁକ୍ତିନାମା (Agreement)ନିଜ ଖର୍ଚ୍ଚରେ ସଂପାଦନ କରିବେ ।

୯. ସର୍ବାଧିକ ରୟାଲିଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀ ଲିଜ୍ ନନେଲେ କିମ୍ବା ସର୍ତ୍ତାବଳୀ ର ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତି ସର୍ବାଧିକ ରୟାଲିଟି ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ

୧୦. ଦରଖାସ୍ତକାରୀ ବା ଲିଜ୍‌ଧାରୀ, ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୫ (ପାଞ୍ଚ) ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବାକୁ ପଡିବ ।

୧୧. ଉପରୋକ୍ତ ନିୟମ ଧାରା–୨୮ ଅନୁଯାୟୀ ଲିଜ୍‌ଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା Dead Rent, Compensatory Afforestation ନିମନ୍ତେ ଫି ଏବଂ Surface Rent ଦାଖଲ କରିବାକୁ ପଡିବ ।

୧୨. ଲିଜ୍‌ଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲିଟି/ Dead Rent ଧାର୍ଯ୍ୟ ମୂଲ୍ୟ ଜମା କରିବାକୁ ପଡିବ ।

୧୩. ଲିଜ୍‌ଧାରୀ ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୨ (ଦୁଇ) ଭାଗ ଅର୍ଥ ଆୟକର ବାବଦକୁ ଜମା କରିବେ ।

୧୪. ବାଲି ନିଲାମଧାରୀ ନଦୀ ଶଯ୍ୟାରେ ୩ (ତିନି) ମିଟର, ଜଳସ୍ତର ର ନିମ୍ନକୁ କିମ୍ବା ଉତ୍ସ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମକରି ବାଲି ଉତ୍ତୋଳନ କରିପାରିବେ ନାହିଁ ।

୧୫. ଆବଶ୍ୟକ ସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟି ବାବଦ ଜମା ରାଶିକୁ ବାଜ୍ୟାପ୍ତି କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୬. ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସାକ୍ଷରକାରୀଙ୍କର ରହିଛି ।

୧୭. ଦରଖାସ୍ତକାରୀ ବା ଲିଜ୍‌ଧାରୀ, ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା ୧୦ (ଦଶ) ଭାଗ ଅର୍ଥ DMF ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବାକୁ ପଡିବ ।

ତହସିଲଦାର
ବଙ୍ଗୋମୁଣ୍ଡା ତହସିଲ
ଜି: ବଲାଙ୍ଗିର

## ସୈରାତ ଉତ୍ସ ଗୁଡିକର ତାଲିକା

| କ୍ର. ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା | | ସର୍ବନିମ୍ନ ରୟାଲଟି ମୂଲ୍ୟ (per cum) | ସଲରେନ୍ସି ରାଶି (Solvency) |
|---|---|---|---|---|---|---|---|---|
| | | | | | ଏକର | ହେକ୍ଟର | | |
| 1. | ବାଲି ଶଯ୍ୟା | ଡୁରେକେଲା (ବ) | 99 | 532 | ଏ. 12.41 | 5.0221 | 42.00 | 5.00 ଲକ୍ଷ |
| 2. | ବାଲି ଶଯ୍ୟା | ରାଣୀପୁର | 67 | 639 | ଏ. 2.50 | 3.7473 | 42.00 | 5.00 ଲକ୍ଷ |
| | | | | 640 | ଏ. 1.44 | | | |
| | | | | 495/643 | ଏ. 5.32 | | | |
| | | | | | ଏ. 9.26 | | | |
| 3. | ପଥର ଖୋଦାନ | ବୁରୋବାହାଲ | 105 | 1174 | ଏ. 0.60 | 0.2428 | 121.00 | 5.00 ଲକ୍ଷ |
| 4. | ପଥର ଖୋଦାନ | ପାତଲପଡା | 48 | 167 | ଏ. 0.12 | 0.1780 | 121.00 | 5.00 ଲକ୍ଷ |
| | | | | 169 | ଏ. 0.32 | | | |
| | | | | | ଏ. 0.44 | | | |

ତହସିଲଦାର, ବଙ୍ଗୋମୁଣ୍ଡା

ଜ୍ଞାପକ ସଂଖ୍ୟା 1110 ତାରିଖ 09.08.2019

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ଉପଜିଲ୍ଲାପାଳ, ଟିଟିଲାଗଡ/ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା/ଭାରପ୍ରାପ୍ତ ଥାନା ଅଧିକାରୀ, ବଙ୍ଗୋମୁଣ୍ଡା/ସିନ୍ଧେକେଲା/ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି/ରାଜସ୍ୱ ନିରୀକ୍ଷକ, ବଙ୍ଗୋମୁଣ୍ଡା/ଚୁଲିଫୁଙ୍କା/ଝରିଆଲ/ଭାଲୁମୁଣ୍ଡା/ସିନ୍ଧେକେଲା/ଗନ୍ଧର୍ଲା ସମ୍ପୃକ୍ତ ଗ୍ରାମ/ଗ୍ରାମ ପଞ୍ଚାୟତ/ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ ମଣ୍ଡଳ, କଣ୍ଟାବାଞ୍ଜିଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡାଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା

ଜ୍ଞାପକ ସଂଖ୍ୟା 1111 ତାରିଖ 09.08.2019

ଏହାର ଏକକିତା ନକଲ District Informatics Officer, NIC, Balangir ଙ୍କୁ http://balangir.nic.in ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା